# Akashvani, Sambalpur

## SAMBALPURI NEWS BULLETIN

### 10 November 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଜାତୀୟ ଶିକ୍ଷାନୀତି ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ର ନ ୨୦୨୪ -୨୫ ଶିକ୍ଷା ବଛରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କର୍ବାର୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଷ୍ପତି ନେଉଛନ୍ । ସୂଚ୍ନା ଅନ୍ସାରେ ଏତ୍କର ରାଏଜେ ୪ ବର୍ଷିଆ ସ୍ନାତକ ପାଠ୍ୟକ୍ରମ୍ ମୁଲ୍ ହେବା, ଯେନ୍ଥି ଫି’ ବଛର୍ ଲାଗି ଯୋଗ୍ୟ ଛାତ୍ରଛାତ୍ରୀମାନ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରୀ ଆର୍ ଡିଗ୍ରୀ ଅନର୍ସ ଦିଆଯିବା । ନୂଆଁ ଶିକ୍ଷାନୀତି ୨୦୨୦ ଅନ୍ସାରେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ୟୁଜିସିର କ୍ରେଡ଼ିଟ୍ ଫ୍ରେମ୍ୱାର୍କ ଆଧାର୍ଥି ରାଜ୍ୟସ୍ତରୀୟ କ୍ରେଡ଼ିଟ୍ ଫ୍ରେମ୍ୱାର୍କ ତିଆର୍ ହେଇଛେ । ହେଥି ଦକ୍ଷତା ବିକାଶ୍ ଆର୍ ଇଂଟର୍ଣ୍ଣସିପ୍ ଲାଗି ସୁଯୋଗ୍ ସାଙ୍ଗେ କ୍ରେଡ଼ିଟ୍ ଦିଆଯିବା । କମ୍ୟୁନିଟି ସାର୍ଭିସ୍, ଏକ୍ସଟ୍ରା କରିକୁଲାର୍ ଏକ୍ଟିଭିଟିଜ୍, ଏନ୍ସିସି, ଏନ୍ଏସ୍ଏସ୍ ଲାଗି ଭିଲ୍ କ୍ରେଡ଼ିଟ୍ ଦିଆଯିବା । ଛାତ୍ରଛାତ୍ରୀମାନେ ନିଜର୍ ଇଚ୍ଛା ଅନ୍ସାରେ ବିଷୟ ବାଛିକରି ଥରେ ନୁ ଅଏତ୍କା

ଥର୍ ଲାଗି ଉଚ୍ଚଶିକ୍ଷାନୁଷ୍ଠାନ୍‌କେ ଆଏବାର୍ ଆର୍ ଯିବାର୍ ସହେତେ ୭ ବଛର୍ ଭିତ୍‌ରେ ସ୍ନାତକ - ଡିଗ୍ରୀ ପାଠ୍ୟକ୍ରମ୍ ପୁରା କରିପାର୍‌ବେ ।

ହୋମ୍‌ଗାର୍ଡ଼ ନିଯୁକ୍ତି ରହିତାଦେଶ- ପ୍ରତ୍ୟାହାର୍

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ହୋମ୍‌ଗାର୍ଡ଼ ନିଯୁକ୍ତି ଉପ୍‌ରେ ଥିବା ରହିତାଦେଶ୍‌କେ ରାଜ୍ୟ ସର୍‌କାର୍ ପ୍ରତ୍ୟାହାର୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ହୋମ୍‌ଗାର୍ଡ଼ ନିଯୁକ୍ତି ଉପ୍‌ରେ ରହିତାଦେଶ୍ ପ୍ରତ୍ୟାହାର୍ ହେଇଛେ । ଏତ୍‌କର ଖୋବ୍‌ଜଲ୍‌ଦି ରାଏଜେ ଖାଲିଥିବା ହୋମ୍‌ଗାର୍ଡ଼ ପଦ୍‌ବୀ ପୂରଣ୍ ହେଇପାର୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ମୋଟ୍ ୧୭ ହଜାର୍ ୬ ଶହ ୭୫ ଟା ହୋମ୍‌ଗାର୍ଡ଼ ପଦ୍‌ବୀ ଥିବାର୍ ବେଲେ ଏଛେନ୍ ୧୫ ହଜାର୍ ୩ ଶହ ୬ ଝନ୍ ହୋମ୍‌ଗାର୍ଡ଼ କାମ୍ କରୁଛନ୍ । ବାକି ୨ ହଜାର୍ ୩ ଶହ ୬୯ ଟା ହୋମ୍‌ଗାର୍ଡ଼ ପଦ୍‌ବୀ ଖାଲି ଅଛେ ।

ଆନ୍ତର୍ଜାତୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ସମ୍ମିଳନୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ନ ଆଏଜ୍‌ଠାନୁ ୨ ଦିନିଆ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଆର୍ ବିସ୍ମୃତ ଖାଦ୍ୟ ସମ୍ମିଲନୀ-୨୦୨୪ ମୁଲ୍ ହେବା । କୃଷି ଆର୍ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତରଫୁ ହେଉଥିବା ଇ ସମ୍ମିଲନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ରାଜ୍ୟର୍ ଖାଦ୍ୟ ସଂସ୍କୃତି ଆର୍ ଐତିହ୍ୟ ଆଉ ଚାଷୀମାନ୍‌କର୍ ଅଧିକାର୍‌କେ ଜୋର୍ ଦେଇକରି ପୁଷ୍ଟିଶସ୍ୟ ଆର୍ ବିଲୁପ୍ତପ୍ରାୟ ଆର୍ ବିସ୍ମୃତ ଖାଦ୍ୟକେ ତହଁକାବାର୍‌କେ ନୀତିଗତ ନିଷ୍ପତି ଆର୍ ଗବେଷଣା ଢାଂଚା ତିଆର୍‌ବାର୍ ଉଦ୍ଦେଶ୍ୟ‌ରୁ ଇ ସମ୍ମିଲନୀ ଆୟୋଜନ୍ କରାଯାଇଛେ ।

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍ -୨୦୨୫ଥି ଆଏଜ୍ ଆର୍ ଆଏବା ୧୬ ଆର୍ ୨୪ ତାରିଖ୍ ଦିନ ବୁଥ୍ ସ୍ତରୀୟ ଅଧିକାରୀମାନେ ସ୍ୱତନ୍ତ୍ର ଅଭିଯାନ୍ ଦିବସ୍ କର୍‌ବେ । ନାଗରିକ୍‌ମାନେ ସଖାଲର୍ ୧୦ ନୁ ଉପର୍‌ବେଲା ୫ ବଜେତକ୍

ପାଖର୍ ମତଦାନ୍ କେନ୍ଦ୍ରକେ ଯାଇକରି ଭୋଟର୍ ତାଲିକାଥି ନିଜର୍ ନାଁ ଜୁଡ଼ି ଆର୍ ସଂଶୋଧନ୍ କରିପାର୍‌ବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଷ୍ଟ୍ରପତି -ଓଡ଼ିଶା          ଆର୍‌ଏନ୍‌ୟୁ / ସମ୍ବଲପୁର

ନୌସେନା ଦିବସ୍ ଅବ୍‌ସରେ ଆଏବା ଡିସେମ୍ବର୍ ୪ ତାରିଖ୍ ପୁରୀ ବେଳାଭୂମି ନ ଭାରତୀୟ ନୌସେନା ତର୍‌ଫୁ ସମରାଭ୍ୟାସ କରାଯିବା । ହେଥି ନୌସେନା ତାର୍ ଅଜୟ ସାମୁଦ୍ରିକ କ୍ଷମତା ଆର୍ ଶକ୍ତି ପ୍ରଦର୍ଶନ୍ ଲାଗି ପ୍ରସ୍ତୁତି କରିଛେ । ସୂଚ୍‌ନା ଅନ୍‌ସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସ୍ୱତନ୍ତ୍ର ଟ୍ରେନ୍          ଏନ୍‌ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଛଟ୍ ପୂଜା ଆର୍ ଅଲ୍‌ଗା ପରବ୍ ଲାଗି ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଛେ । ଆଏଜ୍‌ତକ୍ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍‌ବା । ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ୬ କୋଟି ୮୫ ଲାଖ୍ ଯାତ୍ରୀ ଭିନ୍ ଭିନ୍

ଜାଗାନୁ ବିହାର୍ ପୂର୍ବ ଉତର୍ପ୍ରଦେଶ୍ ଆଉ ଝାର୍ଖଣ୍ଡକେ ଟ୍ରେନ୍‌ଥି ଯାତ୍ରା କରିଥିବା ଜନାପଡ଼ିଛେ । ଇତାର୍‌ସହେତେ ଦେଶେ ଗଲା ୪ ତାରିଖ୍ ଦିନ ୩ କୋଟିନୁ ଅଏତ୍‌କା ଯାତ୍ରୀ ରେଲ୍ ଜରିଏ ଯାତ୍ରା କରିକରି ଗୁଟେ ରେକର୍ଡ୍ ସୃଷ୍ଟି କରିଥିବା ରେଲ୍‌ବାଇ ତର୍ଫୁ କୁହାଯାଇଛେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଳିକ୍ ସମ୍ବାଦ ବିଭାଗ୍ ତର୍ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ

ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଆଏଜ୍ ପବିତ୍ର ଅଁଏଲା ନଅମୀ  ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ଅଁଏଲା ନଅମୀ । ପବିତ୍ର କାର୍ତିକ୍ ମାସ୍ ଲାଗି ଲୁକେ ପହପହନୁ ବୁଡ଼୍ ପକଉଥିବାର୍ ବେଲେ ମନ୍ଦିର୍ ମାନ୍‌କୁ ଦେ'ଦେବ୍‌ତାଙ୍କର୍ ଦର୍ଶନ୍ କର୍‌ବାର୍ ସାଙ୍ଗେ ଅଁଲା ଗଛ୍‌କେ ପୂଜା କର୍‌ସନ୍ । ପୁରୀ ଜିଲ୍ଲା ସାକ୍ଷୀଗୋପାଲ୍ ମନ୍ଦିର୍ ନ ଆଏଜ୍ ରାଧା ପାଦ ଦର୍ଶନ୍ ନୀତି ହେସି । ହେଥିର୍‌ଲାଗି ଖୋବ୍ ସଂଖ୍ୟା ନ ଭକ୍ତଙ୍କର୍ ସମାଗମ୍ ହେଇଛେ ।

ଆଇନ୍‌ସେବା ପ୍ରାଧିକରଣ୍  ଆର୍‌ଏନ୍‌ୟୁ /ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ଜାତୀୟ ଆଇନ୍‌ସେବା ଦିବସ୍ ଅବ୍‌ସରେ  ସଚେତନତା ରେଲି ଆର୍ ସଭା ହେଇଯାଇଛେ । ହେଥି ଭିନ୍ ଭିନ୍ ସ୍କୁଲ୍ କଲେଜ୍‌ର ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ବ୍ଲକ୍ସ୍ତରୀୟ ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ   ହିନ୍ଦୁସ୍ଥାନ୍ ସମାଚାର୍

ବଲାଙ୍ଗିର୍ ଜିଲ୍ଲାର୍ ଅଏଁଲାସାରି ହାଇସ୍କୁଲ୍ ନ ପୁଇଁତଲା ବ୍ଲକ୍ସ୍ତରୀୟ ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ ଗଲାକାଏଲ୍ ହେଇଯାଇଛେ । ପ୍ରଦର୍ଶନୀଥି ଶହେ ୯୧ ଟା ପ୍ରକଳ୍ପ ଠାନ୍ ପାଇଥିଲା । ଉଦ୍‌ଯାପନୀ ଉତ୍ସବ୍‌ଥି ଜିଲ୍ଲା ପରିଷଦ୍ ସଦସ୍ୟ ଦେବକୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକେ ମନୋନୀତ୍ ୭ ଟା ପ୍ରକଳ୍ପ ବନେଇଥିବା ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରିଥିଲେ ।

ବର୍‌ଗଡ୍ କେନାଲ୍- ଜଲ୍‌ସେଚନ୍ ବନ୍ଦ୍     ଆର୍‌ଏନ୍‌ୟୁ
/ସମ୍ବଲପୁର

ଖରିଫ୍ ଧାନ୍ ଅମଲ୍ ସାଙ୍ଗେ ଉନ୍ନୟନ୍ କାମ୍ ଲାଗି ଆଏବା ୧୨ ତାରିଖ୍‌ନୁ ବର୍‌ଗଡ୍ ଜଲ୍‌ସେଚନ୍ ଡିଭିଜନ୍‌ର ସବୁ କେନାଲ୍‌ଥି ପାଏନ୍ ଯୁଗାବାର୍‌ଟା ବନ୍ଦ୍ କରାଯିବା ବଲି ଅଧିକ୍ଷଣ ଯନ୍ତ୍ରୀ ସୂଚ୍‌ନା ଦେଇଛନ୍ । ଆଏବା ଡିସେମ୍ବର୍ ୩୧ ତାରିଖ୍‌ତକ୍ ବର୍‌ଗଡ୍ ମୁଖ୍ୟ କେନାଲ୍‌ଥି ପାଏନ୍ ଛାଡ୍‌ବାର୍‌ଟା ବନ୍ଦ୍ ହେବାର୍‌କେ ଯାଉଥିବାର୍‌ନୁ ଚାଷୀମାନେ ଆଏବା ରବି ଚାଷ୍

ଲାଗି ଦର୍‌କାରୀ ଯୋଜ୍‌ନା କର୍‌ବାର୍‌କେ ବର୍‌ଗଡ୍‌  ଜଲ୍‌ସେଚନ୍‌ ଡିଭିଜନ୍‌ ତର୍‌ଫୁ ଦିଆଯାଇଥିବା ପ୍ରେସ୍‌ ବିଜ୍ଞପ୍ତିଥି କୁହାଯାଇଛେ ।